## ସୂଚନାର ସ୍ୱାଧୀନତା ନିୟମାବଳୀ- ମହରଗରୁ କାନ୍ତାର

ସଂସଦଦ୍ୱାରା ଗୃହୀତ ତଥା ରାଷ୍ଟ୍ରପତିଙ୍କ ଅନୁମୋଦିତ ସୂଚନାର ସ୍ୱାଧିନତା ଆଇନ୍-୨୦୦୨ ଭାରତ ସରକାରଙ୍କ ଗେଜେଟ୍‌ରେ ୭ ଜାନୁଆରୀ ୨୦୦୩ରେ ପ୍ରକାଶ ପାଇଥିଲେ ହେଁ ଏହାର ନିୟମାବଳୀ ( Rules) ଅଭାବରୁ କାର୍ଯ୍ୟକାରୀ ହୋଇପାରୁ ନଥିଲା । ଏବେ ଖୁବ୍ ନିକଟରେ କେନ୍ଦ୍ରୀୟ କର୍ମୀନିଯୋଜନ, ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ( Ministry of Personnel, Grievance and Pension) ର ୱେବ୍‌ସାଇଟ୍ ( http://persmin.nic.in ) ରେ ଏହାର ଚିଠା-ନିୟମାବଳୀ ଘୋଷଣା କରାଯାଇଛି ଓ ଇଚ୍ଛୁକ ନାଗରିକମାନେ ସେମାନଙ୍କ ମତାମତ ଅଗଷ୍ଟ ୩୧ ସୁଦ୍ଧା ଏହି ମନ୍ତ୍ରଣାଳୟ ଅଧିନସ୍ଥ କର୍ମୀନିଯୋଜନ ଓ ପ୍ରଶିକ୍ଷଣ ବିଭାଗ, ନର୍ଥ ବ୍ଲକ୍, ନୂଆଦିଲ୍ଲୀ-୧୨ର ଅଣ୍ଡର-ସେକ୍ରେଟାରୀ ଶ୍ରୀ ରାକେଶ ମାଲହୋତ୍ରାଙ୍କ ପାଖକୁ ପତ୍ର ବା ଇମେଲ୍ (usestb1@dpt.nic.in) ଜରିଆରେ ଜଣାଇବାକୁ ଅନୁରୋଧ କରାଯାଇଛି । ତାରିଖବିହୀନ ଓ ଉଭୟ ହିନ୍ଦୀ ଓ ଇଂରାଜୀରେ ଲିଖିତ ଏହି ଘୋଷଣାନାମା ସହିତ ୫ ଧାରା ବିଶିଷ୍ଟ ଚିଠା-ନିୟମାବଳୀ ( Draft Rules) ସଂଲଗ୍ନ କରାଯାଇଛି । ଅନ୍ୟ ଏକ ବ୍ୟାପାରରେ ଅନୁସନ୍ଧିତ୍ସୁ ହୋଇ ଅଗଷ୍ଟ ୧୪ଦିନ ଉପରୋକ୍ତ ୱେବସାଇଟ୍‌କୁ ଯାଇ ଲେଖକ ଆକସ୍ମିକ ଭାବେ ଆବିଷ୍କାର କରିଥିଲା ଏହି ଅତୀବ ଗୁରୁତ୍ୱପୂର୍ଣ୍ଣ ଘୋଷଣାନାମାକୁ । ଏହାକୁ ଦେଖିଲା ପରେ ମୋର ପ୍ରଥମ ବିସ୍ମୟ ଥିଲା, କୌଣସି ସମ୍ବାଦପତ୍ର ଓ ଇଲେକ୍ଟ୍ରନିକ୍ ଗଣମାଧ୍ୟମ ଜରିଆରେ ଏବିଷୟରେ କୌଣସି ପ୍ରାକ୍-ସୂଚନା ନଦେଇ ଏହି ବହୁପ୍ରତୀକ୍ଷିତ ଘୋଷଣାନାମାକୁ ସଂପୃକ୍ତ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ହଠାତ୍ ସ୍ଥାନିତ କରି ଅମଲାଗୋଷ୍ଠୀ ନିଜର ଦାୟୀତ୍ୱକୁ ଓଁ ସ୍ୱାହାୟ କରିବାକୁ ବସିଛନ୍ତି । ଆମ ଦେଶରେ ଯେତେଲୋକ ସମ୍ବାଦପତ୍ର ପଢନ୍ତି, ତହିଁର ଏକ ନଗଣ୍ୟ, କ୍ଷୁଦାତ୍ରିକ୍ଷୁଦ୍ର ଗୋଷ୍ଠୀ ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି, ଏବଂ ସେମାନେ ପୁଣି ହେଉଛନ୍ତି ସମାଜର ଅପେକ୍ଷାକୃତ ସ୍ୱଚ୍ଛଳ, ସହରୀ ଓ ଉଚ୍ଚଶିକ୍ଷିତ ଗୋଷ୍ଠୀ । ଯଦି କେନ୍ଦ୍ର ସରକାରଙ୍କ ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ ଜରିଆରେ ସଂପୃକ୍ତ ମନ୍ତ୍ରଣାଳୟ ଏହି ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତିକୁ ବିଭିନ୍ନ ସମ୍ବାଦପତ୍ରକୁ ବିତରଣ କରନ୍ତେ, ତେବେ ସହର-ମଫସଲ ନିର୍ବିଶେଷରେ ଦେଶର କୋଣଅନୁକୋଣରୁ ପ୍ରସ୍ତାବିତ ଅଧିନିୟମ ସମ୍ବନ୍ଧରେ ବହୁ ସୁଚିନ୍ତିତ ମତାମତ ମିଳିପାରନ୍ତା । ଦ୍ୱିତୀୟ ବିସ୍ମୟ ହେଉଛି, ସୂଚନାର ସ୍ୱାଧୀନତା ଆଇନ୍-୨୦୦୨ ଗୃହୀତ ହେବା ପରେ ସରକାର ଏକ ସଂକ୍ଷିପ୍ତ ୫ଦଫା ବିଶିଷ୍ଟ ଦେଢପୃଷ୍ଠିଆ ନିୟମାବଳୀ ତିଆରି କରିବାକୁ ଦୀର୍ଘ ୧୮ ମାସରୁ ଉର୍ଦ୍ଧ୍ୱ ସମୟ ନେଇଥିଲା ବେଳେ ସାଧାରଣ ନାଗିରକଙ୍କୁ ଏହା ଉପରେ ଚିନ୍ତାଭାବନା କରି ମତାମତ ଦେବାପାଇଁ ମାତ୍ର ୧୮ ଦିନରୁ କମ୍ ସମୟ ଦେଇଛନ୍ତି । କେବଳ କେତେକ ବିଷୟ-ବିଶେଷଜ୍ଞଙ୍କୁ ଛାଡିଦେଲେ, ଏତେ ସୀମିତ ସମୟ ଭିତରେ ସାଧାରଣ ନାଗରିକଙ୍କ ପକ୍ଷେ ସେମାନଙ୍କ ଜୀବନ-ଜୀବିକାକୁ ସିଧା ସ୍ପର୍ଶ କରୁଥିବା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତାମତ ଦେବା ସମ୍ଭବ କି ? ପୁଣି ଡାକ ଯୋଗେ ମତାମତ ପଠାଇଲେ, ସେ ବାବଦରେ କିଛିଦିନ ରାସ୍ତାରେ ଚାଲିଯିବ । ତୃତୀୟ ବିସ୍ମୟ ହେଉଛି, ଚିଠା-ନିୟମାବଳୀ ସଂକ୍ରାନ୍ତ ୱେବ୍‌ପେଜ୍‌ଟି ଅତ୍ୟନ୍ତ ଅଧପନ୍ତରିଆ ଭାବେ ପ୍ରସ୍ତୁତ କରାଯାଇଛି । ସମୁଦାୟ ୱେବ୍‌ପେଜ୍‌ଟି ମୁଦ୍ରଣ-ସହଜ (Printer friendly) ଫର୍ମାଟ୍‌ରେ ଉପସ୍ଥାପିତ ହୋଇନାହିଁ । ଏହାର ହିନ୍ଦୀ ଅଂଶଟି ସ୍କାନ୍ କରାଯାଇ ଜେ.ପି.ଇ.ଜି. ଫର୍ମାଟ୍‌ର ଅତି-ସ୍ଫୀତ କଳେବରରେ ପେଶ୍ କରାଯାଇଛି ତ ନିୟମାବଳୀର ଇଂରାଜୀ ଅନୁବାଦଟି ମାଇକ୍ରୋସଫ୍ଟ ୱାର୍ଡରେ ରଖାଯାଇଛି । ଏହି କାରଣରୁ ଏହି ଲେଖକଙ୍କୁ ପ୍ରାୟ ୧ଘଣ୍ଟା ଲାଗିଗଲା ସମଗ୍ର ୱେବ୍‌ପେଜ୍‌ଟିକୁ ଡାଉନ୍‌ଲୋଡ୍ କରି ପଠନ-ସହଜ ଓ ମୁଦ୍ରଣ-ସହଜ ଢଙ୍ଗରେ ପ୍ରସ୍ତୁତ କରି ଛପାଇବା ପାଇଁ । ମନେ ହୁଏ, କୌଣସି ଦାୟିତ୍ୱଶୀଳ ପଦାଧିକାରୀ ଏହି ୱେବ୍‌ପେଜ୍‌ର ଡିଜାଇନ୍‌କୁ ଠିକ୍‌ରୂପେ ତଦାରଖ କରିନାହାନ୍ତି, ବା ଏହାକୁ ଜାଣିଶୁଣି ଉପେକ୍ଷା କରିଛନ୍ତି । ଏହିସବୁ କାରଣରୁ ମନେହୁଏ, ଜନମତ ଆମନ୍ତ୍ରଣ ପାଇଁ ଆନ୍ତରିକତା ନଥାଇ କେବଳ ଆଇନ୍‌ଗତ ବାଧ୍ୟବାଧ୍ୟକତାରୁ ଯେମିତି ସଂପୃକ୍ତ କର୍ତ୍ତୃପକ୍ଷ ଏହି ୱେବ୍‌ପେଜ୍‌ଟିକୁ ନିର୍ମାଣ କରିଛନ୍ତି, ଯାହା ଫଳରେ ପରବର୍ତ୍ତୀ ଅବସ୍ଥାରେ ଯେତେବେଳେ ଏହି ନିୟମାବଳୀ ସଂସଦରେ ପେଶ୍ ହେବ, ବିଭାଗୀୟ ମନ୍ତ୍ରୀ ସଫେଇ ଦେଇ କହିପାରିବେ ଯେ, ଏହି ନିୟମାବଳୀ ଇଣ୍ଟରନେଟ୍‌ରେ ବିଜ୍ଞାପିତ ହୋଇ ଜନସମର୍ଥନ ଲାଭ କରିଛି ।

ନିୟମାବଳୀରେ ୫ଟି ଧାରାମଧ୍ୟରୁ ପ୍ରଥମ ୨ଟି ହେଲା ନାମକରଣ ଓ ପରିଭାଷା ସମ୍ବନ୍ଧୀୟ । ତୃତୀୟଟି ହେଲା, ମୂଳ ଆଇନ୍‌ର ୪ର୍ଥ ଧାରା ଅନୁଯାୟୀ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସର୍ବସାଧାରଣଙ୍କ ଅବଗତି ପାଇଁ ନିଜ ତରଫରୁ ଅବଶ୍ୟ-ପ୍ରକାଶଯୋଗ୍ୟ ତଥ୍ୟ ପରିବେଷଣ କରିବା ସମ୍ବନ୍ଧରେ । ୪ର୍ଥଟି ହେଲା, ଫିସ୍ ( Fees) ସମ୍ବନ୍ଧୀୟ, ଯାହାର କିଞ୍ଚିତ୍ ବିଶଦ୍ ସୂଚନା ଲେଖକ ଏଠାରେ ଦେବାକୁ ଚାହେଁ । ଏହି ୪ର୍ଥ ଧାରାର ୩ଟି ଉପଧାରା ରହିଛି । ପ୍ରଥମ ଉପଧାରା ହେଲା, ସୂଚନା ପାଇଁ ଆବେଦନକାରୀ ବ୍ୟକ୍ତି ଆବେଦନ-ପତ୍ର ସହିତ ୫୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ବା ବ୍ୟାଙ୍କର୍ ଚେକ୍ ସଂପୃକ୍ତ ଦପ୍ତରଙ୍କ ନାମରେ ପଇଠ କରିବେ । ଏହାଛଡା ଯଦି ସଂପୃକ୍ତ କର୍ତ୍ତୃପକ୍ଷ ଆବେଦିତ ବିଷୟ ଉପରେ ସୂଚନା ଦେବାକୁ ରାଜି ହୁଅନ୍ତି, ତେବେ ସୂଚନା-ସମ୍ବଳିତ ନଥିର ପୃଷ୍ଠା ପିଛା ୫ଟଙ୍କା କରି ଦେବାକୁ ପଡିବ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଯଦି ସଂପୃକ୍ତ କର୍ତ୍ତୃପକ୍ଷ କୌଣସି କାରଣ ଦର୍ଶାଇ ସୂଚନା ପାଇଁ ଆବେଦନକୁ

ଅଗ୍ରାହ୍ୟ କରିଦିଅନ୍ତି, ତେବେ ଆବେଦନ ସହ ଜମା କରାଯାଇଥିବା ୫୦ଟଙ୍କା ଆବେଦନକାରୀଙ୍କୁ ଫେରସ୍ତ କରାଯିବାର କୌଣସି ବ୍ୟବସ୍ଥା ମୂଳ ଆଇନ୍ କି ପ୍ରସ୍ତାବିତ ଅଧିନୟମରେ ନାହିଁ । ୩ୟ ଉପଧାରାଟି ହେଲା, ଯେଉଁଠି ସଂପୃକ୍ତ ଅଧିକାରୀ ଫ୍ଲପି ବା ଡିସ୍କରେ ସୂଚନା ଦେବାକୁ ଚାହିଁବେ, ସେ କ୍ଷେତ୍ରରେ ଫ୍ଲପି ବା ଡିସ୍କ ପିଛା ୫୦ଟଙ୍କା କରି ଆବେଦନକାରୀଙ୍କୁ ଦେବାକୁ ପଡିବ । ୫ମ ଧାରାଟି ହେଲା, ପୁନର୍ବିଚାର ପାଇଁ ଆବେଦନ ( Appeals) ସମ୍ବନ୍ଧୀୟ, ଯେଉଁଥିରେ କୁହାଯାଇଛି ଯେ, ସଂପୃକ୍ତ ତଥ୍ୟ-ପ୍ରଦାନକାରୀ ଅଧିକାରୀଙ୍କ ଅବହେଳା ବିରୁଦ୍ଧରେ ଅଭିଯୋଗ କେବଳ ସେହି ବିଭାଗର ସଚୀବ ବା ଦପ୍ତରମୁଖ୍ୟଙ୍କ ସାମନାରେ କରାଯାଇ ପାରିବ ।

ଏଠାରେ ଲେଖକ ବିଜ୍ଞାପିତ ନିୟମାବଳୀର ବିଭିନ୍ନ ଧାରାକୁ ବିଶ୍ଳେଷଣ କରିବାକୁ ଚାହେଁ ନାହିଁ । ଏସବୁ ଉପରେ ଜାତୀୟ ବିତର୍କ ହେବା ଜରୁରୀ । କିନ୍ତୁ ଧାରା ୪ରେ ତଥ୍ୟପ୍ରାପ୍ତି ପାଇଁ ଆବେଦନକାରୀଙ୍କ ଉପରେ ଯେଉଁ ଦେୟ ଲଦାଯାଇଛି, ସେ ବିଷୟରେ ଦିପଦ ନକହି ରହି ହେଉନି । ଧରନ୍ତୁ ଜଣେ ଦିନମଜୁରିଆ, ଯେକି ଦୈନିକ ନ୍ୟୁନତମ ମଜୁରୀ ୫୦ ଟଙ୍କା ପାଇବା କଥା, ତାଙ୍କୁ ସଂପୃକ୍ତ ସରକାରୀ ପ୍ରକଳ୍ପ ଅଧିକାରୀ ୪୦ ଟଙ୍କା ଦେଇଛନ୍ତି ଓ ତାଙ୍କ ଦସ୍ତଖତ ଜାଲ୍ କରିଛନ୍ତି । ସେ ମଜୁରିଆ ଭାଇ ବିଡିଓଙ୍କ ପାଖରେ ୫୦ ଟଙ୍କା ଡିପୋଜିଟ୍ କରି ସେହି ନିର୍ଦ୍ଦିଷ୍ଟ ଦିନର ସଂଶ୍ଳିଷ୍ଟ ମଷ୍ଟର ରୋଲ୍‌ରୁ ତାଙ୍କ ନାମ-ସମ୍ବଳିତ ପୃଷ୍ଠାର ନକଲ ଚାହିଁଲେ । ମୂଳ ଆଇନ୍‌ର ବ୍ୟବସ୍ଥାଗୁଡିକ ଏପରି ତିଆରି ହୋଇଛି ଯେ, ବିଡିଓ ଚାହିଁଲେ ବିଭିନ୍ନ କାରଣ ଭିତରୁ ଗୋଟିକକୁ ଆଳ କରି ତଥ୍ୟପାଇଁ ଆବେଦନକୁ ଖାରଜ କରିପାରିବେ । ଏହାର ମୋଟ ଫଳ ହେବ, ଅକାରଣରେ ଦିନମଜୁରିଆ ବ୍ୟକ୍ତିଜଣକ ଡିପୋଜିଟ୍ କରିଥିବା ୫୦ ଟଙ୍କା (ଯାହାକି ସରକାରୀ ହିସାବରେ ଦିନକର ନ୍ୟୁନତମ ମଜୁରୀ) ହରାଇବେ । ସେହିପରି ଜେରକ୍ସ ବାବଦରେ ପୃଷ୍ଠାପିଛା ଚାରିଆଡେ ୫୦ରୁ ୭୫ପଇସା ପଡୁଥିବା ବେଳେ ଅଧିନିୟମ ଏହାକୁ ୫ଟଙ୍କା ରଖିବାର କି ଯଥାର୍ଥତା ରହିଛି ? କୌଣସି ସାଧାରଣ ଲୋକ ପକ୍ଷେ ଏତେଟଙ୍କା ଦେବା ସମ୍ଭବକି ? ପୁଣି ଗୋଟିଏ ଫ୍ଲପି ଅଥବା ଡିସ୍କ (ଅନ୍ୟଭାଷାରେ କହିଲେ ସିଡି ରୋମ୍)ର ବଜାର ଦାମ୍ ୧୦ରୁ ୧୨ ଟଙ୍କା ଥିବାବେଳେ ଏ ବାବଦରେ ୫୦ଟଙ୍କା ଆଦାୟର କି ଯଥାର୍ଥତା ରହିଛି ? ସୁତରାଂ ଏହି ଅତିରିକ୍ତ ଦେୟ ବ୍ୟବସ୍ଥାର ଏକମାତ୍ର ପରିଣତି ହେବ, ସାଧାରଣ ଗରୀବ ଲୋକେ, ଯେଉଁମାନଙ୍କ ସଂଖ୍ୟା ଦେଶରେ ସର୍ବାଧିକ ଓ ଯେଉଁମାନଙ୍କର ଜୀବନ-ଜୀବିକା ପାଇଁ ସର୍ବସାଧାରଣ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇବା ନିହାତି ଜରୁରୀ, ସେମାନେ ସୂଚନାପାଇଁ ଆବେଦନ କରିବାରୁ ଆପେ ଆପେ ବଞ୍ଚିତ ହୋଇପଡିବେ । ଅନ୍ୟପକ୍ଷରେ ମୋର ଯାହା ମନେହୁଏ, ବର୍ତ୍ତମାନର ଦେଉଳିଆ ସରକାର ସୂଚନା ପ୍ରଦାନ ଶୀର୍ଷକ ଏକ ନୂଆ ସୂତ୍ର ସୃଷ୍ଟିକରି ନିଜର ରାଜସ୍ୱ ବଢାଇବାକୁ ଚାହାଁନ୍ତି । ଏକ ଜନମଙ୍ଗଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଯେଉଁସବୁ ସୂଚନା ଲୋକମାନଙ୍କୁ ମାଗଣାରେ ବା ଅତିସ୍ୱଳ୍ପ ଦାମ୍‌ରେ ମିଳିବା କଥା, ତାହା ପାଇଁ ଏତେ ଖର୍ଚ୍ଚବହୁଳ ବ୍ୟବସ୍ଥା ରଖିବାର ଅର୍ଥ ହାତରେ ନମାରି ଭାତରେ ମାରିବା । କେନ୍ଦ୍ରୀୟ ନିୟମାବଳୀର ଏଭଳି ବ୍ୟୟସାପେକ୍ଷ ବ୍ୟବସ୍ଥା ଦ୍ୱାରା ଉତ୍ସାହିତ ହୋଇ ରାଜ୍ୟ ଓ କେନ୍ଦ୍ରାଞ୍ଚଳମାନେ ନିଜ ନିଜର ନିୟମାବଳୀରେ ଫିସ୍‌ର ପରିମାଣ ଆହୁରି ଅଧିକ ବଢାଇଦେବେ, ଏଥିରେ ସନ୍ଦେହ ନାହିଁ । ପରିଣାମ ସ୍ୱରୂପ, ବହୁ ଜନଆନ୍ଦୋଳନର ଫଳଶୃତି ରୂପେ ଯେଉଁ ସୂଚନାର ସ୍ୱାଧୀନତା ଆଇନ୍ ପ୍ରଣୀତ ହୋଇଛି, ତାହା ଅତିରିକ୍ତ ଦେୟକୁ ନେଇ ସୁପରିକଳ୍ପିତ ଅମଲାତାନ୍ତ୍ରିକ ଚାଲ୍‌ବାଜି ଯୋଗୁଁ ଆପେ ଆପେ ନିଷ୍ଫଳ ହୋଇପଡିବ । ଏହି ଲେଖକ ମତରେ ଉଚିତ୍ ହେଉଛି, କେନ୍ଦ୍ରୀୟ ନିୟମାବଳୀ ହୁଏତ୍ ଅତି ସ୍ୱଳ୍ପ ଦେୟ ସ୍ଥିର କରିଥାନ୍ତା, ବା ଏହାର ବିକଳ୍ପ ଭାବେ କେନ୍ଦ୍ରଠାରୁ ରାଜ୍ୟଯାଏଁ ବିଭିନ୍ନ ବିଭାଗ ଓ ଦପ୍ତର ଉପରେ ନିଜ ନିଜର ଫିସ୍ ପରିମାଣ ସ୍ଥିର କରିବାର ଦାୟିତ୍ୱ ଛାଡିଦେଇଥାନ୍ତା ।

ଅଗଷ୍ଟ ୩୧, ୨୦୦୪ ସୁଦ୍ଧା ମିଳିଥିବା ମତାମତ ଭିତ୍ତିରେ ଘୋଷିତ ନିୟମାବଳୀଟି ସଂଶୋଧିତ ହେଲାପରେ ସଂସଦରେ ଉପସ୍ଥାପିତ ହେବ । ସଂସଦରେ ଗୃହୀତ ହେଲାପରେ ଏହା ସାରାଦେଶରେ କାର୍ଯ୍ୟକାରୀ ହେବ । ସୁତରାଂ ଚିଠା-ନିୟମାବଳୀରେ ସଂଶୋଧନ ଆଣିବାକୁ ଚାହୁଁଥିବା ନାଗରିକମାନେ ଖୁବ୍ ତତ୍ପରତାର ସହ ଏବେଠାରୁ ଚିଠି ବା ଇମେଲ୍ ଜରିଆରେ ଉପରୋକ୍ତ ଠିକଣାରେ ସେମାନଙ୍କର ମତାମତ ତୁରନ୍ତ ପଠାଇବା ଆବଶ୍ୟକ । ପରିଶେଷରେ ଏହି ଲେଖକ କେନ୍ଦ୍ର ସରକାରଙ୍କ ପାଖରେ ନିବେଦନ କରିବାକୁ ଚାହେଁ ଯେ,

୧- ଜାତୀୟ ଓ ରାଜ୍ୟସ୍ତରର ଦୈନିକ ଖବରକାଗଜମାନଙ୍କରେ ଏହି ଚିଠା-ନିୟମାବଳୀକୁ ବିଜ୍ଞାପିତ କରାଯାଉ ତଥା ଟେଲିଭିଜନ୍ ଓ ରେଡିଓ ମାଧ୍ୟମରେ ଏହାସମ୍ବନ୍ଧରେ ଯଥେଷ୍ଟ ସୂଚନା ଦିଆଯାଇ ଜନମତ ଲୋଡାଯାଉ ।

୨- ସୂଚିତ ନିୟମାବଳୀ ଉପରେ ସେମିନାର ଓ କର୍ମଶାଳା ଇତ୍ୟାଦି ମାଧ୍ୟମରେ ଆବଶ୍ୟକୀୟ ବିତର୍କ ପାଇଁ ଯଥେଷ୍ଟ ସମୟର ଆବଶ୍ୟକତା ଥିବାରୁ, ମତାମତ ପଠାଇବାର ଶେଷତାରିଖ ଅଗଷ୍ଟ ୩୧ ବଦଳରେ ନଭେମ୍ବର ୩୦, ୨୦୦୪ କରାଯାଉ, ଅର୍ଥାତ୍ ସାଢେ ୩ମାସର ସୁଯୋଗ ଦିଆଯାଉ ।

**CHITTA BEHERA, 4A Jubilee Tower, Choudhury Bazar, Cuttack-9, PH: 2623518, Dated 14th Aug. 2004**